To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

## ନାଲିବତୀ ହଟିବା ପରେ ଏବେ ଭିଭିଆଇପିଙ୍କ ଗାଡ଼ିରେ ଲାଗିବ ନମ୍ବର ପ୍ଲେଟ୍



R.N.I. No.-42041/83 Vol-15, Issue No.189, ଭଦ୍ରକ, ସୋମବାର, ୮, ଜାନୁଆରୀ ୨୦୧୮ ■ Bhadrak, Monday, 8 January 2018 Rs. 2.00 Pages-8

# ର୍‍ୟାଗିଂରୁ ଛାତ୍ରଙ୍କ ମୃତ୍ୟୁ



- ବିଶାଖାପାଟଣାରେ ନିର୍ଯାତିତ ଛାତ୍ରଙ୍କ ମୃତ୍ୟୁ
- ଗଡ଼ପୋଷରେ ଉତ୍ତେଜନା
- ସ୍ୱତନ୍ତ୍ର ପୋଲିସ ଦଳ ଯିବ ବିଶାଖାପାଟଣା

ସମ୍ବଲପୁର, ୭।୧ (ସକାଳ ଖବର) : ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଠାରେ ଥିବା ଏକ ଘରୋଇ ଯୁକ୍ତ ୨ ଅନୁଷ୍ଠାନର ସହପାଠୀଙ୍କ ନିସ୍ତୁକ ମାଡ଼ରେ ଜଣେ ଓଡ଼ିଆ ଛାତ୍ରଙ୍କ ଜୀବନ ଯାଇଛି । ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଗପୋଷର ବିଜ୍ଞାନ ଛାତ୍ର ଶ୍ରେୟସ କେଶର ଓ୍ୱାନି ଓରଫ ଓମ୍ ଏଭଳି ଘଟଣାର ଶିକାର ହୋଇଛନ୍ତି । ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି । ଗଡ଼ପୋଷ ନିବାସୀ ଶୈଳେସ କେଶର ଓ୍ୱାନିଙ୍କ ଏକ ମାତ୍ର ପୁତ୍ର ଶ୍ରେୟସ ବିଶାଖାପାଟଣାର ଶ୍ରୀ ଚୈତନ୍ୟ ଇନିଷ୍ଟିଚ୍ୟୁଟ୍ ରେ ଯୁକ୍ତ ୨ ବିଜ୍ଞାନ ପଢୁଥିଲେ । ସେଠାରେ ଥିବା ସହପାଠୀ ମାନେ ତାଙ୍କୁ ବିଭିନ୍ନ ସମୟରେ ହଇରାଣ କରୁଥିଲେ । ଗତ ଡିସେମ୍ବର ୨୬ରେ କିଛି ସହପାଠୀ ତାଙ୍କୁ ମାଡ଼ ମାରିବା ଘଟଣା ନେଇ ସେ ସହକାରୀ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ପୋଙ୍ଗଲ ଛୁଟି ପରେ ବିଚାର କରାଯିବ କହି ସହକାରୀ ଅଧକ୍ଷ ଜଣକ ଶ୍ରେୟସଙ୍କୁ ଚୁପ୍ କରାଇ ଦେଇଥିଲେ । ଶ୍ରେୟସଙ୍କ ଚିକିତ୍ସା ପାଇଁ କିଛି ବ୍ୟବସ୍ଥା କରିନଥିଲେ । ଖବର ପାଇ ତାଙ୍କ ପରିବାର ବିଶାଖାପାଟଣା ଯାଇ ଶ୍ରେୟସଙ୍କୁ ଭୁବନେଶ୍ୱର ଆଣିଥିଲେ ଓ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ତାଙ୍କର ଗୋଡ଼, ହାତ ଓ ଛାତିରେ ଗଭୀର ମାଡ଼ ହୋଇଥିଲା । ଶନିବାର ଦିନ ପୂର୍ବାହ୍ନ ୧୧.୪୦ ରେ ଶ୍ରେୟସଙ୍କ ପ୍ରାଣ ଉଡ଼ିଯାଇଥିଲା । ଘଟଣାର ଅଭିଯୁକ୍ତମାନଙ୍କୁ କଲେଜ କର୍ତ୍ତୃପକ୍ଷ ଘଣ୍ଟ ଘୋଡ଼ାଉଥିବା ନେଇ ଶ୍ରେୟସଙ୍କ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଶ୍ରେୟସ୍‌ଙ୍କ ମୃତ୍ୟୁର ଛାନ୍‌ଭିନ୍ କରିବା ପାଇଁ ଓଡ଼ିଶା ପୋଲିସର ଏକ ସ୍ୱତନ୍ତ୍ର ଦଳ ବିଶାଖାପାଟଣା ଯିବ ବୋଲି ଜଣାଯାଇଛି ।

# ଦୁର୍ଘଟଣା, ୧୧ ମୃତ



ଲକ୍ଷ୍ନୌ, ୭।୧: ଉତ୍ତରପ୍ରଦେଶର ଫିରୋଜପୁରରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୧ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି । କାର ଓ ଅଟୋ ଉପରେ ଏକ ଟ୍ରକ ପିଯିବାରୁ ଏହି ଘଟଣା ଘଟିଛି । ଏଥିରେ ୩ଜଣ ଗୁରୁତର ହୋଇଛନ୍ତି । ଗୁରୁତରଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୁଲିସ ପକ୍ଷରୁ ଜାତୀୟ ଗଣମାଧମକୁ ମିଳିଥିବା ସୂଚନା ଅନୁସାରେ ଫିରୋଜପୁରର ସିରସାଗଞ୍ଜ ଜାତୀୟ ରାଜପଥ-୨ରେ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ ଓଲଟି ପାର୍ଶ୍ୱରେ ଯାଉଥିବା ଏକ କାର ଓ ଅଟୋ ଉପରେ ପଡ଼ିଯାଇଥିଲା । ଓ୍ୱାଗନରରେ ୬ ଜଣ ଲୋକ ଥିବା ବେଳେ ଅଟୋରେ **(ପୃଷ୍ଠା-୭)**

## ମାଳି କାମ କରିବେ ଦୈନିକ ୯୩ ଟଙ୍କା ପାଇବେ



ପାଟନା, ୭।୧ : ଚାରା ଦୁର୍ନୀତିରେ ସାଢେ ତିନି ବର୍ଷର ଦଣ୍ଡ ପାଇବା ପରେ ଲାଲୁ ଯାଦବଙ୍କୁ ମାଳି କାର୍ଯ୍ୟ କରିବାକୁ ପଡିବ । ରାଞ୍ଚିର ବିର୍ସାମୁଣ୍ଡା ଜେଲରେ ଲାଲୁ କଏଦୀ ଭାବେ କାର୍ଯ୍ୟ କରିବେ । ସେଥିରେ ତାଙ୍କୁ ପାରିଶ୍ରମିକ ଟଙ୍କା ମଧ ମିଳିବ । ଗଣମାଧମ ରିପୋର୍ଟ ଅନୁଯାୟୀ ଲାଲୁଙ୍କୁ ଏହି କାର୍ଯ୍ୟ ପାଇଁ ଦିନକୁ ୯୩ ଟଙ୍କା ମିଳିବ । ଲାଲୁଙ୍କୁ ହଜାରିବାଗର ଓପନ୍ ଜେଲ୍‌କୁ ବଦଳି କରାଯିବ । ଲାଲୁଙ୍କ ପାଇଁ ଦଣ୍ଡ ଘୋଷଣା ହେବା ପରେ ତାଙ୍କର ଜାମିନ୍ ପାଇଁ ଆର୍‌ଜେଡି ହାଇକୋର୍ଟ ଯିବାକୁ ଘୋଷଣା କରିଛି । କିନ୍ତୁ ସିବିଆଇର ସ୍ୱତନ୍ତ୍ର କୋର୍ଟ ଯଦି ଲାଲୁଙ୍କୁ ତିନି ବର୍ଷ ଦଣ୍ଡ ଦେଇଥାନ୍ତେ । ତେବେ ସାଧାରଣ ଅଦାଲତରେ ତାଙ୍କୁ ଜାମିନ୍ ମିଳିବାକୁ ସହଜ ହୋଇ ପାରିଥାଆନ୍ତା । କିନ୍ତୁ ତାଙ୍କୁ ୩ବର୍ଷରୁ ଅଧିକ ଦଣ୍ଡ ମିଳିଥିବାରୁ ଲାଲୁଙ୍କ ସାମ୍ନାରେ ହାଇକୋର୍ଟ ହିଁ ଗୋଟିଏ ରାସ୍ତା ବାକି ରହିଛି । ଚାରା ଦୁର୍ନୀତିରେ ଦଣ୍ଡ ମିଳିବା ପରେ ଲାଲୁ ଟ୍ୱିଟରର ସାହାରା ନେଇ ମୋଦୀ ସରକାରଙ୍କ ଉପରେ ଆକ୍ରମଣ କରିଥିଲେ । ଲାଲୁଙ୍କ ଆଧିକାରୀକ ଟ୍ୱିଟର ହ୍ୟାଣ୍ଡେଲରୁ ଗୋଟିଏ ଚିଠି ମଧ ପୋଷ୍ଟ କରାଯାଇଛି ।ଏହି ପତ୍ରରେ ଲାଲୁ ଲେଖିଛନ୍ତି କି ମୁଁ ଏକଛତ୍ରବାଦୀ ଶାସନ ସହ ମିଶିନଥିବାରୁ **(ପୃଷ୍ଠା-୭)**

## ଦଳଗତ ରାଜନୀତିର ଊର୍ଦ୍ଧ୍ୱକୁ ଶାସନ ବ୍ୟବସ୍ଥା ଉଠିବା ଅତ୍ୟନ୍ତ ଆବଶ୍ୟକ : ଧର୍ମେନ୍ଦ୍ର



ଭୁବନେଶ୍ୱର,୭।୧ (ସକାଳ ଖବର) :- ଓଡିଶାର ୮ଟି ଆକାଂକ୍ଷୀ ଜିଲ୍ଲାର ବିକାଶ ମାମଲାରେ ବିବାଦ ନୁହେଁ ଗରୀବ ଲୋକଙ୍କ ବିକାଶ ପ୍ରସଙ୍ଗରେ ଦଳଗତ ରାଜନୀତିର ଉର୍ଧ୍ୱକୁ ଶାସନ ବ୍ୟବସ୍ଥା ଉଠିବା ଅତ୍ୟନ୍ତ ଆବଶ୍ୟକ ବୋଲି କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ତଥା ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଯୋଜନାରେ ଓଡିଶାର ୮ଟି ଜିଲ୍ଲାର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନୀତି ଆୟୋଗ ଦ୍ୱାରା ତିଆରି ହୋଇଥିବା ଖସଡାରେ ସାମିଲ ନ ହେବା ପାଇଁ ନିଷ୍ପତି ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି ଶ୍ରୀ ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜନୈତିକ ବାଦ ବିବାଦ ଓ ମତ ପାର୍ଥକ୍ୟ ସହ ସେ ଆଦୌ ଅସହମତ ନୁହନ୍ତି । ଗଣତନ୍ତ୍ରରେ ପରସ୍ପର ଭିନ୍ନ ଦୃଷ୍ଟିଭଙ୍ଗୀରେ କୌଣସି ଆପତି ନାହିଁ । ମାତ୍ର ରାଜନୈତିକ ଦୃଷ୍ଟିଭଙ୍ଗୀରେ ଭିନ୍ନତା ପାଇଁ ଓଡିଶାର ୮ଟି ଜିଲ୍ଲାର ବିକାଶକୁ ପ୍ରତିରୋଧ ନ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ସିଧା ସିଧା ଅନୁରୋଧ କରିଛନ୍ତି । ରାଜନୈତିକ ଭାବେ ଯାହା ଗାଳିମନ୍ଦ, ସମାଲୋଚନା କଲେ ବି ମୋଦି ସରକାର ଏହାକୁ ମୁଣ୍ଡ ପାତି ସହିବାକୁ ପ୍ରସ୍ତୁତ ଅଛି । ମାତ୍ର ସାଧାରଣ ଗରୀବ ଓଡିଆ ଲୋକଙ୍କର ବିକାଶକୁ ପ୍ରତିରୋଧ ନ କରି ପ୍ରଧାନମନ୍ତ୍ରୀ ମୋଦିଙ୍କର ଏହି ନୂଆ ଯୋଜନାରେ ସାମିଲ ହେବାକୁ ଓଡିଶାର ଏହି ଜିଲ୍ଲା ଗୁଡିକୁ ଯୋଗ ଦେବା ନେଇ ଆଉ ଥରେ ସମୀକ୍ଷା କରନ୍ତୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶର ବିଭିନ୍ନ ମାପଦଣ୍ଡରେ ପଛୁଆ ଥିବା ୧୧୫ଟି ଜିଲ୍ଲାକୁ ବିଶେଷ ସମନ୍ୱୟ ମାଧ୍ୟମରେ ଆଗକୁ ନେବା କାର୍ଯ୍ୟର ଯୋଜନାରେ ଓଡିଶା ସମେତ ସବୁ ରାଜ୍ୟକୁ ପୂର୍ବ ସୂଚନା ଆଧାରରେ କ୍ରିୟାନ୍ୱିତ କରିବା ପାଇଁ ନୀତି ଆୟୋଗ ପଦକ୍ଷେପ ନେଇଥିଲା । ଏହି ଜିଲ୍ଲା ଗୁଡିକ ମଧ୍ୟରେ ରାୟଗଡା, କଳାହାଣ୍ଡି, କନ୍ଧମାଳ, ଗଜପତି, ଢେଙ୍କାନାଳ, ବଲାଙ୍ଗୀର, କୋରାପୁଟ ଓ ମାଲକାନଗିରି ରହିଛି ।

### ଆକାଂକ୍ଷୀ ଜିଲ୍ଲା ସମ୍ବନ୍ଧିତ ନୀତି ଆୟୋଗ ବୈଠକରେ ଓଡିଶା ସାମିଲ ନ ହେବା ପ୍ରସଙ୍ଗ

ମାତ୍ର ରାଜ୍ୟ ସରକାରଙ୍କ ବିନା ପରାମର୍ଶରେ ଓଡିଶାର ୮ଟି ଜିଲ୍ଲାର ନାମ ସ୍ଥୀରିକୃତ ହୋଇଥିବା ଓ କେନ୍ଦ୍ର ଓଡିଶା ଉପରେ ନିଷ୍ପତିକୁ ଲଦି ଦେଉଥିବା ଯୁକ୍ତିକୁ ସଂପୂର୍ଣ ରୂପେ ଖଣ୍ଡନ କରିଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତ ନଭେମ୍ବର ୧୪ ତାରିଖରେ ଦେଶର ୧୧୫ଟି ଜିଲ୍ଲା ଓ ସେଥିରୁ ଓଡିଶାର ୮ଟି କେଉଁ ମାପଦଣ୍ଡ ଆଧାରରେ ସ୍ଥିର କରା ଯାଇଛି ଏ ସମ୍ବନ୍ଧରେ ଲିଖିତ ସବିଶେଷ ବିବରଣୀ ନୀତି ଆୟୋଗ ତରଫରୁ ମୁଖ୍ୟ **(ପୃଷ୍ଠା-୭)**

## ଜିଲ୍ଲାପାଳଙ୍କ ପ୍ରତି ଅସମ୍ମାନ : ପ୍ରତାପ



ଭୁବନେଶ୍ୱର, ୭।୧ (ସକାଳ ଖବର) : ଅନ୍ୟପକ୍ଷରେ ଧର୍ମେନ୍ଦ୍ରଙ୍କ ଏହି ବୟାନକୁ ପ୍ରତ୍ୟାଖାନ କରିଛନ୍ତି ରାଜ୍ୟସଭା ସାଂସଦ ତଥା ବିଜେଡି ମୁଖପାତ୍ର ପ୍ରତାପ ଦେବ । ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ପ୍ରତି ଜିଲ୍ଲାର ବିକାଶ ପାଇଁ ଜିଲ୍ଲାପାଳ ମାନେ ଅଛନ୍ତି । ତେଣୁ ଏଭଳି ପରିସ୍ଥିତିରେ ପ୍ରଭାରୀ ଅଫିସର ନିଯୁକ୍ତି କରିବା ଜିଲ୍ଲାପାଳଙ୍କ ପ୍ରତି ଅସମ୍ମାନ । ସେହିପରି ଏହାଦ୍ୱାରା ଉଭୟ ଜିଲ୍ଲାପାଳ ଓ ଜିଲ୍ଲା ପ୍ରଭାରୀଙ୍କ କ୍ଷେତ୍ରରେ କାମ କରିବାକୁ ଅସୁବିଧା ହେବା ସହ ଏହା ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିବ । ବିଜେଡି ସରକାର ପଛୁଆ ଜିଲ୍ଲାର ବିକାଶ ପାଇଁ ଅନେକ ବିକାଶମୂଳକ ଯୋଜନା ହାତକୁ ନେଇଛନ୍ତି ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଶଂସିତ ହୋଇଛି ।

## ବିଜେପୁରରେ ଗୁଳିମାଡ଼

ବିଜେପୁର, ୭।୧ (ସକାଳ ଖବର) : ବିଜେପୁରରେ ଉପନିର୍ବାଚନ ତାରିଖକୁ ନେଇ ବାଦବିବାଦ ଥମିନଥିବା ବେଳେ ଆଜି ବିଜେପୁରସ୍ଥିତ ପଡ଼ାଗାଁର ଜଣେ ବିଜେପି କର୍ମୀଙ୍କ ଉପରେ ଗୁଳିମାଡ଼ ହୋଇଛି । ଏକ ବୋଲୋରୋରେ ଆସି ଦୁର୍ବୃତ୍ତ ସଂପୃକ୍ତ କର୍ମୀଙ୍କୁ ୩ ରାଉଣ୍ଡ ଗୁଳିମାଡ଼ କରି ଫେରାର୍ ହୋଇଯାଇଛନ୍ତି । ବିଜେପୁର ପୋଲିସ ଏହାର ତଦନ୍ତ କରୁଛି । ଏ ପର୍ଯ୍ୟନ୍ତ ଗୁଳିକାଣ୍ଡର କାରଣ ଜଣାପଡ଼ିନାହିଁ ।

## ଶୀତରେ ଥରୁଛି ସାରା ଓଡ଼ିଶା

ଭୁବନେଶ୍ୱର, ୭।୧ (ସକାଳ ଖବର) : ବର୍ତ୍ତମାନ ରାଜ୍ୟରେ ଶୀତ ଜାଡ଼ ଲୋକଙ୍କୁ ଥରାଉଛି । ରାଜ୍ୟର ୧୪ଟି ଜିଲ୍ଲାରେ ତାପମାତ୍ରା ୧୦ ଡିଗ୍ରୀ ତଳେ ଥିବା ରେକର୍ଡ କରାଯାଇଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଶରତ କୁମାର ମହାପାତ୍ର ପାଣିପାଗ ଉପରେ ମତ ଦେଇ କହିଛନ୍ତି ଯେ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ଶୀତ ଲହରୀ ଜାରି ରହିବ । ତେବେ ଶୀତ ବର୍ତ୍ତମାନ ଯାହା ରହିଛି ତାହାରି ମଧ୍ୟରେ ସୀମିତ ରହିବା ସହ ସାମାନ୍ୟ କମିପାରେ । ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ବର୍ତ୍ତମାନ ତାପମାତ୍ରା ୩ଡିଗ୍ରୀ ସେଲ୍‌ସିୟସ୍ ଥିବା ରେକର୍ଡ କରାଯାଇଛି । ଅନ୍ୟପକ୍ଷରେ ରାଜଧାନୀରେ ଭୁବନେଶ୍ୱରରେ ତାପମାତ୍ରା ୧୩ ଡିଗ୍ରୀ ଥିବା ବେଳେ କଟକରେ ୧୨ ଡିଗ୍ରୀ ରହିଛି । ବିଶେଷକରି ଫୁଲବାଣୀ ଓ ଦାରିଙ୍ଗବାଡ଼ିରେ ଶୀତ ଲହରୀ ଅଧିକ ଅନୁଭୂତ ହେଉଥିବାରୁ ଜନଜୀବନ ବିଶେଷ ଭାବେ ପ୍ରଭାବିତ ହୋଇଥିବା ପରିଲକ୍ଷିତ ହୋଇଛି ।

# ଧରାପଡ଼ିଲା ଚୀନ୍-ପାକ୍‌ର ଷଡ଼ଯନ୍ତ୍ର

- ■ ରାଜସ୍ଥାନ ସୀମାରେ ପାକ୍-ଚୀନ୍ କରିଛନ୍ତି ୩୫୦ରୁ ଅଧିକ ବଙ୍କର
- ■ ନିୟନ୍ତ୍ରଣ ରେଖା ଓ ଅନ୍ତର୍ଜାତୀୟ ସୀମାରେ ନିର୍ମାଣ ହେବ ୧୪,୪୬୦ ବଙ୍କର



ଜମ୍ମୁ, ୭।୧: ପାକିସ୍ତାନକୁ ଅସ୍ତ୍ର କରି ଚୀନ୍ ଭାରତୀୟ ଅଞ୍ଚଳ ଦଖଲ କରିବା ଓ ଚାପ ସୃଷ୍ଟି କରିବାକୁ ବିଶାଳ ଷଡ଼ଯନ୍ତ୍ର ଆରମ୍ଭ କରିବା ପରେ ସୀମା ନିକଟରେ ରହୁଥିବା ଭାରତୀୟଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ନିୟନ୍ତ୍ରଣ ରେଖା ଓ ଅନ୍ତର୍ଜାତୀୟ ସୀମା ନିକଟରେ ୧୪,୦୦୦ରୁ ଅଧିକ ଗୋଷ୍ଠୀ ଓ ବ୍ୟକ୍ତିଗତ ବଙ୍କର ନିର୍ମାଣ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଜମ୍ମୁ ଡିଭିଜନ ଅଫିସ୍ ପକ୍ଷରୁ ଜାତୀୟ ଗଣମାଧମକୁ ଏହି ସୂଚନା ଦିଆଯାଇଛି । ପୁଞ୍ଛ ଓ ରାଜୌରୀ ଜିଲ୍ଲାର ନିୟନ୍ତ୍ରଣ ରେଖା ନିକଟରେ ୭୨୯୮ ବଙ୍କର ନିର୍ମାଣ ହେବାକୁ ଥିବାବେଳେ ଜମ୍ମୁ, କାଥୁଆ ଓ ସମ୍ବା ଜିଲ୍ଲାରେ ଥିବା ଅନ୍ତର୍ଜାତୀୟ ସୀମା ନିକଟରେ ୭୧୬୨ ବଙ୍କର ନିର୍ମାଣ ହେବ । କେନ୍ଦ୍ର ସରକାର ନିକଟରେ ୧୪,୪୬୦ ଗୋଷ୍ଠୀ ଓ ବ୍ୟକ୍ତିଗତ ବଙ୍କର ନିର୍ମାଣ ପାଇ ୪୧୫.୭୩ କୋଟି ଟଙ୍କା ମଞ୍ଜୁର କରିଛନ୍ତିଛ ଯୋଜନା ଅନୁସାରେ ୧୩,୦୨୯ଟି ଗୋଷ୍ଠୀ ଓ ୧୪୩୧ଟି ବ୍ୟକ୍ତିଗତ ବଙ୍କର ନିର୍ମାଣ ହେବ । ଜଣେ ଅଧିକାରୀ କହିଛନ୍ତି, ୧୬୦ ବର୍ଗ ଫୁଟ ବିଶିଷ୍ଟ ବ୍ୟକ୍ତିଗତ ବଙ୍କରରେ ୮ଜଣ ଓ ୮୦୦ ବର୍ଗଫୁଟ ଗୋଷ୍ଠୀ ବଙ୍କରରେ ୪୦ଜଣ ଲୋକ ରହି ପାରିବେଛ ସେହିଭଳି ରାଜୌରୀରେ ୪୯୧୮ ବ୍ୟକ୍ତିଗତ ଓ ୩୭୨ ଗୋଷ୍ଠୀ ବଙ୍କର ର୍ନିମାଣ ହେବଛ କାଥୁଆରେ ୩୦୭୬ ବ୍ୟକ୍ତିଗତ ଓ ୨୪୩ ଗୋଷ୍ଠୀ ବଙ୍କର ର୍ନିମାଣ ହେବ । ପୁଞ୍ଛରେ ୬୮୮ ଗୋଷ୍ଠୀ ଓ ୧୩୨୦ ବ୍ୟକ୍ତିଗତ ବଙ୍କର ର୍ନିମାଣ ହେବାକୁଥିବାବ ବେଳେ ଜମ୍ମୁରେ ୧୨୦୦ ବ୍ୟକ୍ତିଗତ ଓ ୧୨୦ ଗୋଷ୍ଠୀ ବଙ୍କର ର୍ନିମାଣ ହେବ । ସୂଚନାଯୋଗ୍ୟ, ପାକିସ୍ତାନ ସୀମାରେ ଗତ କିଛିଦିନ ହେବ ଚୀନ୍‌ର ସେନା ଛାଉଣୀ ଦେଖିବାକୁ ମିଳୁଥିବା ବେଳେ କଶ୍ମୀରଠାରୁ ଗୁଜରାଟ ପର୍ଯ୍ୟନ୍ତ ଭାରତ-ପାକ୍ ସୀମାରେ ଚୀନ୍ ନିଜର ଆଧିପ୍ତ୍ୟ ଜାହିର କରିଚାଲିଛି । ବିଗତ ୪ ମାସ ମଧ୍ୟରେ **(ପୃଷ୍ଠା-୭)**



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ ଯେଉଁଠି ଥାଉ ।



ହୁଣ୍ଡିର ଆୟ (୭.୧୧.୧୭)
୪,୪୫,୦୨୭

# ପ୍ରସାଦଙ୍କୁ ଅଭୟଦାନ



### ଦଳରେ ନେତୃତ୍ୱ ନେଇ ଏବେ ବି ଅସନ୍ତୋଷ

ଭୁବନେଶ୍ୱର, ୭।୧ (ସକାଳ ଖବର) : ଏଆଇସିସିରୁ ଆସ୍ଥାପ୍ରକଟ ଚିଠି ଆସିଥିଲେ ହେଁ ଓଡ଼ିଶା ପ୍ରଦେଶ କଂଗ୍ରେସରେ ଅସନ୍ତୋଷ ପ୍ରଶମିତ ହୋଇନାହିଁ । ଆଶାୟୀ ମାନଙ୍କ ମନରେ ଏକ ନୈରାଶ୍ୟ ଭାବ ଦେଖାଯାଇଛି । ପିସିସିର ସଭାପତି ଦାୟିତ୍ୱରେ ଥିବା ପ୍ରସାଦ ହରିଚନ୍ଦନଙ୍କୁ ପରିବର୍ତନ କରିବାପାଇଁ ବିଧାୟକମାନେ ଦିଲ୍ଲୀ ଯାଇ କେନ୍ଦ୍ର ନେତୃବୃନ୍ଦ ଏବଂ ରାହୁଲଗାନ୍ଧୀ ଏବଂ ସୋନିଆଗାନ୍ଧୀଙ୍କୁ ଭେଟି ଜଣାଇଥିଲେ । ରାହୁଲ ଗାନ୍ଧୀ ଏଆଇସିସିର ଦାୟିତ୍ୱ ନେବା ପରେ ଶ୍ରୀ ହରିଚନ୍ଦନ ପରିବର୍ତନ ହେବାର ନାହିଁ ବୋଲି ଚିଠି ମାଧମରେ ରାଜ୍ୟ ପିସିସିକୁ ଜଣାଇଛନ୍ତି । ଏହି ଚିଠି ଉପରେ ପ୍ରତିକ୍ରିୟା ପ୍ରକାଶ କରି ବିଧାୟକ ଶ୍ରୀ ଯୋଗେଶ ସିଂ କହିଥିଲେ ଯେ, କଂଗ୍ରେସ କାହାରି ପୈତୃକ ସମ୍ପତି ନୁହେଁ । ପର୍ଯ୍ୟବେକ୍ଷକ ମାନେ ଓଡ଼ିଶା ଆସିଥିଲେ । ଦଳୀୟ ନେତାଠାରୁ ଆରମ୍ଭ କରି ସାଂସଦ, ବିଧାୟକ, ପୂର୍ବତନ ବିଧାୟକ ମାନଙ୍କ ମତାମତ ନେଇଥିଲେ । ମାତ୍ର ରିପୋର୍ଟ ଦେଲେ ନାହିଁ । ଦଳର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକଙ୍କୁ ପୁନର୍ବାର ସଭାପତି ପଦବୀରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲେ କଂଗ୍ରେସ ଦଳ ସୁଦୃଢ଼ ହୋଇପାରିଥାନ୍ତା । ଏକଥା ମୁଁ ପୂର୍ବରୁ କହିଆସିଛି ଆଜିବି ମଧ କହୁଛି । ଯିଏ ନିଜ ନିର୍ବାଚନ ମଣ୍ଡଳୀରେ ଉଧେଇ ପାରୁନାହିଁ ସେ ପାର୍ଟିକୁ କିପରି ବଂଚାଇ ରଖିବେ ବୋଲି ପ୍ରଶ୍ନ କରିଥିଲେ ।

ଅନ୍ୟପକ୍ଷରେ ବିରୋଧି ଦଳର ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି କହିଥିଲେଯେ, ରାହୁଲଗାନ୍ଧୀ ଦଳର ସର୍ବୋଚ ନେତା ହୋଇଛନ୍ତି । ତାଙ୍କର ନିଷ୍ପତିକୁ ଗ୍ରହଣ କରିବୁ । କିଏ ଦଳ ଛାଡ଼ିବ ନ ଛାଡ଼ିବ ତାହା ମୁଁ ଜାଣିନାହିଁ । ମୁଁ କିନ୍ତୁ ଦଳ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ । କଂଗ୍ରେସକୁ ଏକ ନମ୍ବର କରିବା ପାଇଁ ମୋର ପ୍ରାୟାସ ଜାରି ରହିବ । ଅନ୍ୟ ପକ୍ଷରେ ପାର୍ଟିର ବରିଷ୍ଠ ନେତା ଜୟଦେବ ଜେନା କହିଛନ୍ତି ଯେ ଏଆଇସିସିର ସଭାପତି ରାହୁଲ ଗାନ୍ଧୀଙ୍କ ନିଷ୍ପତିକୁ ସମସ୍ତେ ମାନିବା ଦରକାର । କଂଗ୍ରେସ ଦଳ ବର୍ତମାନ ଏକଜୁଟ ହୋଇଛି । **(ପୃଷ୍ଠା-୭)**

## ପୁଲିସ ପକ୍ଷରୁ ସହରର ୭ଟି ପେଟ୍ରୋଲ ପମ୍ପ ଉପରେ ଚଢ଼ାଉ

ବାଲେଶ୍ୱର, ୭।୧ (ସକାଳ ଖବର) : ବାଲେଶ୍ୱର ସହରରେ ଥିବା ୭ଟି ପେଟ୍ରୋଲ ପମ୍ପରେ ମେଟ୍ରୋଲୋଜିକାଲ ଡିପାର୍ଟମେଂଟ ଓ ଜିଲ୍ଲା ପୋଲିସ ପକ୍ଷରୁ ଆଜି ପୂର୍ବାହ୍ନଠାରୁ ମଧାହ୍ନଯାଏ ଓଜନ ମାପ ଯାଂଚ କରାଯାଇଥିଲା । ସାଧାରଣରେ ଅଭିଯୋଗ ହୋଇଥିଲା ଯେ, ନିର୍ଦ୍ଧାରିତ ମାପ ଓ ଓଜନଠାରୁ ପେଟ୍ରୋଲ ତଥା ଡିଜେଲ ଗ୍ରାହକ ମାନଙ୍କୁ କମ୍ ପରିମାଣର ବିତରଣ କରାଯାଉଛି । କିନ୍ତୁ ପୁଲିସ ପକ୍ଷରୁ ଯାଂଚ ହେଉଥିବାର ଖବର ପାଇ ସହର ଓ ଆଖପାଖର ପେଟ୍ରୋଲ ପମ୍ପର ମାଲିକ ଓ କର୍ମଚାରୀମାନେ ହଠାତ୍ ସଜାଗ ହୋଇଉଠିଥିଲେ । ଏପରିକି ପେଟ୍ରୋଲ ପମ୍ପରେ ରଖାଯାଉଥିବା ୫ ଲିଟିରିଆ ଓଜନ ମାପ ପଳା ସବୁ ହଠାତ୍ ପରିବର୍ତନ କରାଯାଇ ସେହି ସ୍ଥାନରେ ନୂଆ ମାପିବା ପଳା ରଖାଯାଇଥିଲା । ପଳରେ ମାପ, ଓଜନ ଓ ଗୁଣବତା ଠିକ୍ ଥିବାର ପୁଲିସ ତନଖିରୁ ଜଣାପଡ଼ିଛି । କିନ୍ତୁ ଅଧିକାଂଶ ପେଟ୍ରୋଲ ପମ୍ପରେ କିରୋସିନି ମିଶା ଡିଜେଲ ଓ ପେଟ୍ରୋଲ ବିକ୍ରୟ ଚାଲିଥିବାର ଅଭିଯୋଗ ହେଉଛି । ପେଟ୍ରୋଲ ପମ୍ପରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଟଏଲେଟ୍ ଓ ଚକାରେପ୍ରେସର ଦେବା ପାଇଁ ନିୟମ ଥିବା ବେଳେ ଏହା ବାଲେଶ୍ୱର ସହରରେ ଥିବା ଅଧିକାଂଶ ପେଟ୍ରୋଲ ପମ୍ପରେ ଉପଲବ୍ଧ ହେଉନାହିଁ । ଚକାରେ ପ୍ରେସର ଦେବା ପାଇଁ ମେସିନ୍ ଓ ପାଇପ ତାରରେ ଟଙ୍ଗା ହୋଇଥିବା ବେଳେ ଏହା ଭରିବା ପାଇଁ କର୍ମଚାରୀ ରହୁନାହାନ୍ତି । ଉପରିସ୍ଥ ଯାଂଚ କର୍ମଚାରୀ ଏମାନଙ୍କଠାରୁ ନିୟମିତ ବଟି ନେଇ ଅନିୟମିତତାକୁ ସୁଯୋଗ ଦେଉଥିବାର ଅଭିଯୋଗ ହୋଇଛି ।

# "''' µÿàÿ {àÿæLÿþæ{œÿ Àÿæ fœÿêšÿLÿ AæÓ;ÿ ''

A{•¢ÿ 'ÿ¿Ó

# 17 ¯ÿÌ{Àÿ µÿ'ÿLÿÀÿ ¯ÿLÿæÉ AæQ'ÿÉAæ œÿÜÿ : Aœÿ;ÿ {Óvÿê

# "A¨¯ÿæ'Àÿ ¯ÿæÌLÿ Dû¯ÿ



## ¯ÿ{¯ÿLÿæœÿ¢ ¯ÿ'ÿ¿þ¢ÿÀÿ 22 tÿþ ¯ÿæÌLÿ Dû¯ÿ

## üÿsàÿæ SÀÿ, 'ÿ"æ;ÿ Sèÿæ{µÿæÀÿ SÀÿtÿÀÿ

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**

Óó¨æ'ÿjLÿ : Aþtÿ Lÿþæ Àÿ þàÿLÿ